# ଧାନ ଉଠାଇବାକୁ ଚାଷୀ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ପାଟଣାଗଡ଼, ୧୯ ।୬(ସମିସ)



ମେ ୨୫ ତାରିଖରୁ ରବି ମଣ୍ଡି ପାଇଁ ଧାନ କିଣା ଆରମ୍ଭ ହେଲାଣି; କିନ୍ତୁ ମିଲର ଠିକ ଭାବେ ମଣ୍ଡିକୁ ଗାଡି ପଠାଉ ନ ଥିବାରୁ ଧାନ ଉଠୁନି। ଏଭଳି ଅଭିଯୋଗ ଆଣି ଶୁକ୍ରବାର ତମିଆଁ ପେକ୍ସ ସଭାପତିଙ୍କ ନେତୃତ୍ୱରେ ପାଟଣାଗଡ଼ ବ୍ଲକ ତମିଆଁ ସମବାୟ ସମିତି ଅଧୀନ ଚାଷୀମାନେ ପାଟଣାଗଡ଼ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି। ଉପଜିଲ୍ଲାପାଳ ତୁରନ୍ତ ପାଟଣାଗଡ଼ ଏସସିଏସଓଙ୍କୁ ଡାକି ଘଟଣାର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗନୁସାରେ ପାଟଣାଗଡ଼ ତମିଆଁ ସମବାୟ ସମିତିରେ ୧୧୩ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି। ତମିଆଁ ମଣ୍ଡିକୁ ମିଲର ଠିକ ଭାବେ ଗାଡି ପଠାଉ ନ ଥିବାରୁ ଚାଷୀ ଧାନ ବିକ୍ରି ନ ହୋଇ ପଡ଼ିରହିଛି। ଏଥିସହ ଖୋଲା ଆକାଶ ତଳେ ଚାଷୀ ଧାନ ରଖୁଥିବାରୁ ବର୍ଷାର ଭୟ ରହିଛି। ଆଗାମୀ କିଛି ଦିନ ମଧ୍ୟରେ ବର୍ଷା ସମ୍ଭାବନା ଥିବାରୁ ଚାଷୀ ମୁଣ୍ଡରେ ଚଡକ ପଡ଼ିଛି। ଗତ ଶନିବାରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ମିଲର ଗାଡି ନ ପଠାଇବରୁ ଚାଷୀ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଆଗାମୀ ଚାଷ ପାଇଁ ଆନୁକୂଳ ସମୟ ହୋଇଯାଇଥିବାରୁ ଚାଷୀ ଧାନ ବିକ୍ରି କରିନପାରିବାରୁ ଟଙ୍କାର ଅଭାବ ଦେଖାଦେଇଛି। ଚାଷୀ ଧାନ ବିକ୍ରି କରି ପୁଣି ନୂତନ ଚାଷ ପାଇଁ ଧାନ ମଞ୍ଜି, ସାର, କୀଟନାଶକ ଆଦି ଚାଷ ସାମଗ୍ରୀ ଲକ୍ଷ୍ୟ ରଖିଥିବାବେଳେ ଧାନ ବିକ୍ରି କରି ନ ପାରି ନିରାଶାଜନକ ସ୍ଥିତିରେ ରହିଛନ୍ତି। ଏନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ ଗୁରୁବାର ତମିଆଁ ପେକ୍ସ ପରିସରରେ ଚାଷୀଙ୍କୁ ନେଇ ଏକ ବୈଠକ ପ୍ରସ୍ତୁତି ବୈଠକ ଅନିଷ୍ଠିତ ହୋଇଥିଲା। ଏହାର ସ୍ଥାୟୀ ସମାଧାନ ନ ହେଲେ ଆନ୍ଦୋଳନପନ୍ଥା ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଦୟାନିଧି ସାହୁ, ସୁବାଷ ସାହୁ, ସୁରେଶ ପଣ୍ଡା, ପ୍ରକାଶ ଦାସ, ତୋଫାନ ସାହୁ, ପୁସ୍ତମ ସାହୁ, ଅସାତୁ ସାହୁ, ରୋହିତ ସାହୁଙ୍କ ସହ ଅନ୍ୟାନ୍ୟ ଚାଷୀ ଉପସ୍ଥିତ ଥିଲେ।

**● ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ମନଇଚ୍ଛା ଖାତା ଦେଖା**

# ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜ ବିରୋଧରେ ଛାତ୍ରୀଙ୍କ ଏତଲା

ଦେଓଗାଁ, ୧୯।୬(ସମିସ): ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜର ଜଣେ ଛାତ୍ରୀ ତାଙ୍କ ଖାତାଦେଖାରେ ତ୍ରୁଟି କରାଯାଇଥିବା ଥାନାରେ ଅଭିଯୋଗ କରିଛନ୍ତି। ବଲାଙ୍ଗିର ବାସିନ୍ଦା ଶିଖାରାଣୀ ପଣ୍ଡା ନାମ୍ନୀ ଏହି ଛାତ୍ରୀ ଜଣକ ଉଦ୍ଭିଦ ବିଜ୍ଞାନ (ଅନର୍ସ)ରେ ଅନ୍ୟ ୩୧ ଜଣ ଛାତ୍ରଛାତ୍ରୀଙ୍କ ସହ ପଞ୍ଚମ ସେମିଷ୍ଟାର ପରୀକ୍ଷା ଦେଇଥିଲେ। ସେଥିରୁ ୨ଜଣ ବିଦ୍ୟାର୍ଥୀ କପି କରି ଧରାପଡ଼ିଥିଲେ। କଲେଜ କର୍ତ୍ତୃପକ୍ଷ ସମସ୍ତ ପରୀକ୍ଷା ଖାତାକୁ ଠିକ୍ ଭାବେ ୨ଟି ପ୍ୟାକେଟରେ ପଠାଇଥିଲେ।

ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଖାତା ଦେଖା ସମୟରେ କପି ଧରାପଡ଼ିଥିବା ୨ଜଣ ଛାତ୍ରୀଛାତ୍ରଙ୍କ ଖାତାକୁ ଓଲଟପାଲଟ କରି ଦିଆଯାଇଛି। ଏହାଫଳରେ ସମ୍ପୃକ୍ତ ଛାତ୍ରୀଙ୍କ ଖାତା ବଦଳି ଯାଇ କପି କରି ଧରାପଡ଼ିଥିବା ତାଲିକାରେ ରହିଯାଇଥିଲା। ଏଣୁ ଶିଖାରାଣୀ ଓ ଅନ୍ୟଜଣେ ଛାତ୍ରଙ୍କ ପରୀକ୍ଷା ଫଳ ବାହାରିଲା ନାହିଁ। ଏନେଇ ଶିଖାରାଣୀ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନୀଙ୍କୁ ଅଭିଯୋଗ କରିଥିଲେ। ତାଙ୍କ ପରାମର୍ଶ କ୍ରମେ ସେ ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ।

ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କିନ୍ତୁ ଦେଓଗାଁ କଲେଜ ନାଁରେ ଥାନାରେ ଅଭିଯୋଗ କରିବା ପାଇଁ କହିଥିଲେ। ତେବେ ବିଶ୍ୱବିଦ୍ୟାଳୟରେ ଖାତା ଦେଖୁଥିବା ଅଧିକାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁଁ ଏଭଳି ହୋଇଛି ବୋଲି କଲେଜ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ଏନେଇ କଲେଜ ଅଧ୍ୟକ୍ଷଙ୍କୁ ପଚାରିବାରୁ ସମ୍ପୃକ୍ତ ଛାତ୍ରୀ ପଣ୍ଡା କପି କରି ଧରା ପଡ଼ିବା ତାଲିକାରେ ନ ଥିଲେ। ସମସ୍ତ ଖାତା ଠିକ୍ ଭାବେ ବିଶ୍ୱବିଦ୍ୟାଳୟକୁ ପଠା ଯାଇଥିଲା। ସେମାନେ ମନଇଚ୍ଛା ଖାତା ଓଲଟପାଲଟ କରିଥିବାରୁ ଏଭଳି ସମସ୍ୟା ହୋଇଛି। ସେମାନେ ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ ପରୀକ୍ଷା ଫଳ ପ୍ରକାଶ କରିବା ପାଇଁ କଲେଜ ପକ୍ଷରୁ ଅବଗତ କରାଯାଇଛି ବୋଲି ଅଧ୍ୟକ୍ଷ କହିଛନ୍ତି। ଅନ୍ୟପକ୍ଷେ ଛାତ୍ରୀଙ୍କ ଅଭିଯୋଗ ପାଇବା ପରେ ସ୍ଥାନୀୟ ପୁଲିସ କଲେଜକୁ ଯାଇ ଛାନ୍‌ଭିନ୍ ଆରମ୍ଭ କରିଥିବା ତଦନ୍ତକାରୀ ଅଧିକାରୀ ରଞ୍ଜିତ ପଧାନ ସୂଚନା ଦେଇଛନ୍ତି।

# ବିଶ୍ୱ ସିକିଲ୍ ସେଲ୍ ଦିବସ



ବଲାଙ୍ଗିର, ୧୯ ।୬(ସମିସ): ବଲାଙ୍ଗିର କମ୍ପୋଜିଟ୍ ରିଜିଓନାଲ୍ ସେଣ୍ଟର (ସିଆରସି) ପକ୍ଷରୁ ବିଶ୍ୱ ସିକେଲ୍ ସେଲ୍ ଦିବସ ପାଳିତ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପୁଷ୍ପାଞ୍ଜଳି ମିଶ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ସସ୍ମିତା ହୋତା, ଶିଶୁରୋଗ ବିଶେଷଜ୍ଞ ଡା. ସୁରଜିତ ନାୟକ ପ୍ରମୁଖ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବାଦ୍ୟୁତୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିର୍ଦ୍ଦେଶକ ଗୁରବକ୍ଷ ଚନ୍ଦ ଜଗୋଟା ଧନ୍ୟବାଦ ଜ୍ଞାପନ କରିଥିଲେ।

# ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପାଇଁ ୭ ବିଏଲ୍ଓ ପ୍ରଶଂସିତ

ବଲାଙ୍ଗିର, ୧୯ ।୬(ସମିସ): ବଲାଙ୍ଗିର ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ଅଭିଯାନରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଥିବା ୭ ଜଣ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ)ଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ଏସ୍ଆଇଆର୍ ପ୍ରକ୍ରିୟାରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି, ପରିଗଣନା ଫର୍ମ ବଣ୍ଟନ ଏବଂ ଶତପ୍ରତିଶତ ଡିଜିଟାଇଜେସନ କାର୍ଯ୍ୟ ସଫଳତାର ସହ ସମ୍ପନ୍ନ କରିଥିବାରୁ ଏହି ବିଏଲଓମାନଙ୍କୁ ସମ୍ମାନିତ କରାଯାଇଛି। ବଲାଙ୍ଗିର ଉପଜିଲ୍ଲାପାଳ ତଥା ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଆଲୋକ ପଟେଲ ପ୍ରଶଂସାପତ୍ର ପ୍ରଦାନ କରି ସେମାନଙ୍କ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ବିଏଲଓମାନଙ୍କ ମଧ୍ୟରେ ଶକମା-୧ ବୁଥ୍ ନଂ୨୫ର ବିଜୟଲକ୍ଷ୍ମୀ ସ୍ୱାଇଁ, ଶକମା-୨ ବୁଥ୍ ନଂ୨୬ର ସନ୍ତୋଷିନୀ ସାହୁ, ଘୁଟୁପାଲି ବୁଥ୍ ନଂ୪୬ର ଶାନ୍ତିଲତା ବରିହା, କାଲିଝରନ ବୁଥ୍ ନଂ୬୫ର ପ୍ରମିଳା ସୁନା, ଗୁଡେଲଗୁମା ବୁଥ୍ ନଂ୧୮୯ର ପ୍ରମିଳା ନାଗ, ନୂଆପାଲି ବୁଥ୍ ନଂ୧୪୯ର ମମତା ଶତପଥୀ ଏବଂ ବଲାଙ୍ଗିର ପୌରପରିଷଦ ଟିକିରାପଡ଼ା ୱାର୍ଡ ନଂ୧୬ର ବୁଥ୍ ନଂ୨୪୮ର ହୃଷୀକେଶ ସାଇ ପ୍ରମୁଖ ରହିଛନ୍ତି। ବିଏଲଓମାନଙ୍କ ନିଷ୍ଠାପର କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ଅବସରରେ ବଲାଙ୍ଗିର ପୌରପରିଷଦର ଇଓ ତଥା ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ସନ୍ତୋଷ ବେହେରା, ବଲାଙ୍ଗିର ବିଡିଓ ତଥା ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ହୃଷୀକେଶ ଗଣ୍ଡ ଏବଂ ଦେଓଗାଁ ବିଡିଓ ତଥା ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ପ୍ରିୟରଞ୍ଜନ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ଶ୍ରମିକମୁକ୍ତ ବଲାଙ୍ଗିର ପାଇଁ ଆହ୍ୱାନ

ବଲାଙ୍ଗିର, ୧୯ ।୬(ସମିସ): ବଲାଙ୍ଗିର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଶିଶୁ ଶ୍ରମିକ ନିବାରଣ ନିମନ୍ତେ ଏକ ଜିଲ୍ଲାସ୍ତରୀୟ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଗୌରଓ ଶିଓାଜୀ ଇସଲଓାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଶିଶୁ ଶ୍ରମିକ ପ୍ରଥା ନିରାକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବଲାଙ୍ଗିର ଜିଲ୍ଲାକୁ ଶିଶୁ ଶ୍ରମିକମୁକ୍ତ ଜିଲ୍ଲାରେ ପରିଣତ କରିବା ଲକ୍ଷ୍ୟରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ବିଭାଗ ପକ୍ଷରୁ ଶିଶୁ ଶ୍ରମ ରୋକିବା ଦିଗରେ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ଉପସ୍ଥାପନା ରଖାଯାଇଥିଲା। ଜିଲ୍ଲାର କୌଣସି ଶିଶୁ ଯେପରି ଶ୍ରମିକ ଭାବେ ନିୟୋଜିତ ନ ହୁଅନ୍ତି ସେଥିପାଇଁ ସମସ୍ତ ବିଭାଗକୁ ଅଧିକ ସତର୍କ ଓ ସକ୍ରିୟ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପାଠପଢ଼ା ଅଧାରୁ ଛାଡ଼ିଥିବା ଶିଶୁଙ୍କୁ ଚିହ୍ନଟ କରି ପୁନର୍ବାର ବିଦ୍ୟାଳୟରେ ନାମ ଲେଖାଇବା ଅଭିଯାନକୁ ଅଧିକ ତ୍ୱରାନ୍ୱିତ




କରିବା ସହ ସ୍ଥାନୀୟ ପ୍ରଶାସନ, ଶ୍ରମ ବିଭାଗ ଓ ପୁଲିସକୁ ନେଇ ଗଠିତ ଟାସ୍କ ଫୋର୍ସ ଦ୍ୱାରା ହୋଟେଲ, ଦୋକାନ, ଗ୍ୟାରେଜ ଓ ବିପଦପୂର୍ଣ୍ଣ କାର୍ଯ୍ୟସ୍ଥଳଗୁଡ଼ିକରେ ଚଢ଼ଉ ଜୋରଦାର କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଶିଶୁ ଶ୍ରମିକ ନିୟୋଜନ କରୁଥିବା ମାଲିକଙ୍କ ବିରୋଧରେ ବାଲ୍ୟ ଶ୍ରମ ନିଷେଧ ଆଇନ ଅନୁଯାୟୀ କଠୋର ଆଇନଗତ ପଦକ୍ଷେପ ଗ୍ରହଣ କରାଯିବା ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲ୍ଲାପାଳ ସାଧାରଣ ଲୋକଙ୍କୁ ମଧ୍ୟ ଏହି ଅଭିଯାନରେ ସହଯୋଗ କରି ଏକ ଶିଶୁ ଶ୍ରମିକମୁକ୍ତ ବଲାଙ୍ଗିର ଗଠନରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। କୌଣସି ଶିଶୁ ଯଦି ଶ୍ରମିକ ଭାବେ କାର୍ଯ୍ୟ କରିବା ନଜରକୁ ଆସେ ତେବେ ତୁରନ୍ତ ନିକଟସ୍ଥ ଶ୍ରମ କାର୍ଯ୍ୟାଳୟ/ଥାନା/ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ/ଜିଲ୍ଲାପାଳ କିମ୍ବା ଚାଇଲ୍ଡ ହେଲ୍ପ ଲାଇନ୍ ୧୦୯୮ କିମ୍ବା ନିଶୁଳ୍କ ଶ୍ରମିକ ସହାୟତା ନମ୍ବର ୧୮୦୦-୩୪୫୬୭୦୩ ରେ ଯୋଗାଯୋଗ କରି ଜଣାଇବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ୧୪ ବର୍ଷରୁ କମ୍ ବୟସର ଶିଶୁଙ୍କୁ କୌଣସି କାମରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ। ସେହିପରି ୧୫ରୁ ୧୮ ବର୍ଷ ବୟସର କିଶୋରଙ୍କୁ ବିପଦସଂକୁଳ କାର୍ଯ୍ୟରେ ନିୟୋଜନ କରିବା ଆଇନତଃ ନିଷିଦ୍ଧ। ଏହି ଆଇନ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା, ୨ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ କିମ୍ବା ଉଭୟ ଦଣ୍ଡ ଭୋଗିବାକୁ ପଡ଼ିପାରେ। ପୁନରାବୃତ୍ତି ଘଟିଲେ ୩ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡର ବ୍ୟବସ୍ଥା ରହିଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ବୈଠକରେ ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନା, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପବିତ୍ରାନନ୍ଦ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମୃତ ପଣ୍ଡା, ପ୍ରଭାଗୀୟ ଶ୍ରମ ଆୟୁକ୍ତ ସୁକାନ୍ତ ସେଠୀ, ଜିଲ୍ଲା କର୍ମ ନିୟୋଜନ ଅଧିକାରୀ ପଦ୍ମିନୀ ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିକ୍ରମ ପଣ୍ଡା, ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ଅତିରିକ୍ତ ଶିକ୍ଷା ଅଧିକାରୀ ରୀନା ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମିଳନର ଶପଥ ଗ୍ରହଣ ଉତ୍ସବ



ଟିଟିଲାଗଡ଼, ୧୯ ।୬(ସମିସ): ସ୍ଥାନୀୟ ଶ୍ରୀ ମହାବୀର ପଞ୍ଚାୟତୀ ଧର୍ମଶାଳାରେ ଉତ୍କଳ ପ୍ରାଦେଶିକ ମାରୱାଡ଼ୀ ସମ୍ମିଳନ, ଟିଟିଲାଗଡ଼ ଶାଖାର ୨୦୨୬-୨୮ କାର୍ଯ୍ୟକାଳ ପାଇଁ ନବନିର୍ବାଚିତ କାର୍ଯ୍ୟକାରିଣୀର ଶପଥ ଗ୍ରହଣ ସମାରୋହ ଓ ମେଧାବୀ ଛାତ୍ରଛାତ୍ରୀ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ସମ୍ମାନିତ ଅତିଥି ଭାବେ ଉତ୍କଳ ପ୍ରାଦେଶିକ ମାରୱାଡ଼ୀ ସମ୍ମିଳନ ଓଡ଼ିଶା ସଭାପତି ଡ. ସୁଭାଷ ଅଗ୍ରୱାଲ ଯୋଗ ଦେଇଥିଲେ।

# ବଙ୍ଗୋମୁଣ୍ଡାରେ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକ୍ରମ

କଣ୍ଟାବାଞ୍ଜି, ୧୯ ।୬(ସମିସ): ବଙ୍ଗୋମୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ବଙ୍ଗୋମୁଣ୍ଡା ଅତିରିକ୍ତ ତହସିଲଦାର ଛବି ପୋଡ଼, ଭୋଳାନାଥ ବେହେରା, ନରସିଂହ ଥନାପତି ପ୍ରମୁଖ ଅତିଥି ଭାବେ



ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ସ୍ଥଳର ପଟ୍ଟା, ଘର ତିଆରି ପାଇଁ ଅନ୍ତ୍ୟୋଦୟଗୃହ ଯୋଜନାର କାର୍ଯ୍ୟାଦେଶ, ଅନ୍ନପୂର୍ଣ୍ଣା ଯୋଜନାର ରାସନ କାର୍ଡ, ବସୁନ୍ଧରା ଯୋଜନାରେ ପଟ୍ଟା, ଦିବ୍ୟାଙ୍ଗ ବସ୍ ପାସ୍ କାର୍ଡ, ବୟୋ ବନ୍ଦନା କାର୍ଡ, ଲେବର କାର୍ଡ, ଅଙ୍ଗନବାଡି କର୍ମୀଙ୍କୁ ସ୍ମାର୍ଟ ମୋବାଇଲ ବଣ୍ଟନ ସହ ବିଭିନ୍ନ ଯୋଜନାର କାର୍ଡ ଗୁଡିକ ବଣ୍ଟନ କରାଯାଇଛି। ବିଡ଼ିଓ ନିତୁଶ୍ରୀ ମେହେର ଏଥିରେ ସଭାପତିତ୍ୱ କରିଥିଲେ। ସୁଶୀଲ ପୋଡ଼ ସଭା ସଂଯୋଜନା କରିଥିଲେ। ଅତିରିକ୍ତ ବିଡ଼ିଓ ସୁଶାନ୍ତ ପାଣି, ଜିପିଡ଼ିଓ ପୁରୁଷୋତ୍ତମ ମାଝୀଙ୍କ ସହ ବ୍ଲକର ବିଭିନ୍ନ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ଚୋରମରା, ଜରାସିଂହା ଓ କଙ୍କରାରେ ଲୋକଙ୍କୁ ଭେଟିଲେ ନରସିଂହ



ବଲାଙ୍ଗିର, ୧୯ ।୬(ସମିସ): ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଦେଓଗାଁ ବ୍ଲକ ସାରସମାଲ ପଞ୍ଚାୟତର ଚୋରମରା, ଜରାସିଂହା ଓ ବଲାଙ୍ଗିର ବ୍ଲକ କଙ୍କରା ଗ୍ରାମବାସୀଙ୍କୁ ଭେଟିଛନ୍ତି। ଧାନମଣ୍ଡିର ଅବ୍ୟବସ୍ଥା, ପିଇବା ପାଣିର ଘୋର ସମସ୍ୟା ତଥା ଘନ ଘନ ବିଜୁଳି ବିଭ୍ରାଟ ଯୋଗୁଁ ଚୋରମରା ଗ୍ରାମବାସୀ ବହୁତ ଅସୁବିଧା ଭୋଗ କରୁଛନ୍ତି ବୋଲି ଶ୍ରୀ ମିଶ୍ରଙ୍କୁ ଅବଗତ କରାଇଥିଲେ। ବିଧାୟକ ପାଣ୍ଠିରୁ ନିର୍ମିତ ହୋଇଥିବା ଏକ ମଣ୍ଡପର ଷ୍ଟିଲ ବାଡ ନିର୍ମାଣ ଦିଗରେ ଲୋକେ ସାହାଯ୍ୟ ଲୋଡିଥିଲେ। ସାରସମାଲ ସରପଞ୍ଚ ଗୋପାଳକୃଷ୍ଣ ବାଗ, କଂଗ୍ରେସ ନେତା କାନ୍ତେଶ୍ୱର ପ୍ରଧାନ, ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀ ପ୍ରମୁଖ ମଞ୍ଚାସୀନ ଥିଲେ। ପରେ ଶ୍ରୀ ମିଶ୍ର ଜରାସିଂହା ଓ ବଲାଙ୍ଗିର ବ୍ଲକ କଙ୍କରା ଗାଁକୁ ଯାଇ ସ୍ଥାନୀୟ ଲୋକଙ୍କ ସହ ସେଠାକାର ଅସୁବିଧା ନେଇ ଆଲୋଚନା କରିଥିଲେ। ଏହି ଅଞ୍ଚଳ ବୁଡି ଅଞ୍ଚଳ ଭାବେ ଜଣାଶୁଣା ଥିବାରୁ ଏଠାରେ କୌଣସି ପ୍ରକାର ଉନ୍ନୟନମୂଳକ କାମ ଦିଗରେ ପ୍ରଶାସନ ଆନ୍ତରିକତା ଦେଖାଉ ନ ଥିବା ଅଭିଯୋଗ ଆସିଥିଲା। ବିଶେଷ କରି ଖରାପ ହୋଇଥିବା ରାସ୍ତାଗୁଡିକୁ ପ୍ରଶାସନ ଆଉ ମୋଟେ ମରାମତି କରୁନାହିଁ। ତେଣୁ ଯାତାୟତ କ୍ଷେତ୍ରରେ ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛୋଟ ଛୁଆ ମଧ୍ୟ ସ୍କୁଲ ଗଲା ବେଳକୁ ଆବଡା ଖାବଡା ରାସ୍ତାରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଖଣ୍ଡିଆ ଖାବରା ହେଉଛନ୍ତି। ଏ ସବୁକୁ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଶ୍ରୀ ମିଶ୍ର କଥା ହୋଇ ଏହାର ସମାଧାନ ରାସ୍ତା ବାହାର କରାଇବେ ବୋଲି ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

# କଣ୍ଟାବାଞ୍ଜି ଏନ୍ଏସିରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ



କଣ୍ଟାବାଞ୍ଜି, ୧୯ ।୬(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରରେ ସଫାସୁତୁରା କରିବା ନାଁରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି; କିନ୍ତୁ ବାସ୍ତବରେ କାମ ହେଉନାହିଁ। କଣ୍ଟାବାଞ୍ଜି ସହରର ଭୂତଳ ପୋଲ ସମ୍ମୁଖ ଏହର ଜ୍ୱଳନ୍ତ ଉଦାହରଣ। ଆଗକୁ ବର୍ଷା ହେବ। ଏଣୁ ଜଳ ନିଷ୍କାସନ ସମସ୍ୟା ସୃଷ୍ଟି ହେବ। ତେଣୁ ସଫା ସୁତୁରା ଥିଲେ ବନ୍ୟା ପରିସ୍ଥିତି ସୃଷ୍ଟି ନ ହେଇ ଠିକ୍ ଭାବରେ ଡ୍ରେନ୍ ଜଳ ନିଷ୍କାସନ ହୋଇ ପାରିବ। ସହର ସବୁ ଡ୍ରେନ୍ ସଫା କରିବା ଆବଶ୍ୟକ ରହିଛି। ଭୂତଳ ପୋଲ ସମ୍ମୁଖରେ ଥିବା ବାଲାଜୀ ହୋଟେଲକୁ ଲାଗି ଡ୍ରେନ ରହିଛି। ଏହା ଅନେକ ଦିନ ହେଲା ସଫା ସୁତୁରା ହୋଇନାହିଁ। ଏହାକୁ ନେଇ ସ୍ଥାନୀୟ ଲୋକେ କଣ୍ଟାବାଞ୍ଜି ଏନ୍ଏସି କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏନଏସି ସଫେଇ କର୍ମଚାରୀ ଯାଇ ଡ୍ରେନ୍ ଉପରେ ଥିବା ଡାଙ୍କୁଣି ଖୋଲିଥିଲେ। ଡ୍ରେନ୍ ଭିତରେ ଥିବା ଅଳିଆ ଆବର୍ଜନା ବାହାର କରି ସେହି ସ୍ଥାନରେ ପକାଇ ଦେଇ ଚାଲିଯାଇଥିଲେ। ଡ୍ରେନ୍‌କୁ ମୁକୁଳା କରି ଛାଡି ଚାଲି ଯାଇଥିବାରୁ ଏବେ ପୁଣି ଅଳିଆ ଆବର୍ଜନାରେ ଡ୍ରେନ୍ ଭର୍ତ୍ତି ରହିଛି। ଏହାଫଳରେ ଦୁର୍ଗନ୍ଧରେ ପୂରା ଅଞ୍ଚଳ ଫାଟି ପଡୁଛି। ଏବେ ଏନ୍ଏନଏସି କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ୍ୟ କାହାରି ନଜର ପଡୁନାହିଁ; ଯାହାପାଇଁ ସେଠାରେ ଥିବା ଦୋକାନୀ ଦୁର୍ଦ୍ଦଶା ଭୋଗୁଛନ୍ତି।

# ବେସରକାରୀ ବିଦ୍ୟାଳୟରେ ସରକାରୀ ନିୟମ ଉଲ୍ଲଂଘନ

**● ଅଗ୍ନିଶମ ବିଭାଗ ବିନା ଅନୁମତିରେ ଚାଲିଛି କଣ୍ଟାବାଞ୍ଜିର ଏକ ଘରୋଇ ସ୍କୁଲ**

**● ବାରମ୍ବାର ନୋଟିସ କଲେ ମଧ ନିୟମ ପାଳନ ନାହାନ୍ତି**

କଣ୍ଟାବାଞ୍ଜି, ୧୯ ।୬(ସମିସ): ଦିନକୁ ଦିନ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରରେ ଥିବା ବେସରକାରୀ ବିଦ୍ୟାଳୟଗୁଡିକ ସରକାରୀ ନିୟମ ଉଲ୍ଲଂଘନ କରି ଚାଲିଛନ୍ତି। ବାରମ୍ବାର ଅଭିଯୋଗ ହେବା ସତ୍ତ୍ୱେ ମଧ୍ୟ ସରକାରୀ ନିୟମ ପାଳନ କରୁ ନ ଥିବା ଯୋଗୁଁ ଏବେ ବିପଦରେ ଶହ ଶହ ଛାତ୍ରଛାତ୍ରୀଙ୍କ ଜୀବନ। କଣ୍ଟାବାଞ୍ଜି ଚଟୁଅନକାସ୍ଥିତ ଏକ ଘରୋଇ ସ୍କୁଲ ବିରୋଧରେ ଏହିଭଳି ଅଭିଯୋଗ ଆସିଛି। ବିଭାଗୀୟ ନିୟମ ଅନୁସାରେ ଯେ କୌଣସି ଶିକ୍ଷା ଅନୁଷ୍ଠାନ ଆରମ୍ଭ କରିବା ପୂର୍ବରୁ ଅଗ୍ନିଶମ ବିଭାଗ ପକ୍ଷରୁ ଫାଏର୍ ସେଫ୍ଟି ସାର୍ଟିଫିକେଟ ପ୍ରଦାନ କରାଯାଇଥାଏ। ଏହି ସ୍କୁଲକୁ ମଧ୍ୟ ଅଗ୍ନିଶମ ବିଭାଗ ପକ୍ଷରୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା; କିନ୍ତୁ ଗତ କିଛି ବର୍ଷ ତଳେ ଲାଇସେନ୍ସ ଅବଧି ଶେଷ ହୋଇଯାଇଛି। ପ୍ରତ୍ୟେକ ଦୁଇ ବର୍ଷରେ ଫାଏର୍ ସେଫ୍ଟି ସାର୍ଟିଫିକେଟ ନବନୀକରଣ ହୋଇଥାଏ; କିନ୍ତୁ ସ୍କୁଲ କର୍ତ୍ତୃପକ୍ଷ ସେହି ସାର୍ଟିଫିକେଟ ନବୀକରଣ କରୁନାହାନ୍ତି। ଅଗ୍ନିଶମ ବିଭାଗର ବିନା ସୁରକ୍ଷା କିଟ୍‌ରେ ସ୍କୁଲ ଚାଲିଥିବା ହେତୁ ଏବେ ଅଭିଭାବକମାନେ ଚିନ୍ତାରେ ପଡ଼ିଛନ୍ତି। କେବଳ ସେତିକି ନୁହେଁ; ଭବିଷ୍ୟତରେ ଯଦି ସ୍କୁଲରେ କୌଣସି ଅଘଟଣ ଘଟିଲା ତେବେ ଅଗ୍ନିଶମ ବିଭାଗର ଗାଡ଼ି ଗେଟ୍ ଭିତରକୁ ପ୍ରବେଶ କରି ପାରିବ ନାହିଁ। କାରଣ ମୁଖ୍ୟ ଗେଟ୍ ଉଚ୍ଚତା ବହୁତ କମ୍ ରହିଛି। ଏନେଇ ସ୍କୁଲ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ନୋଟିସ୍ ଜାରି ହୋଇଛି; କିନ୍ତୁ ଅଗ୍ନିଶମ ବିଭାଗ ନିୟମକୁ ସେମାନେ ଉଲ୍ଲଂଘନ କରି ଚାଲିଛନ୍ତି। ଯଦି କୌଣସି ଦୁର୍ଘଟଣା ଘଟିଲେ ସ୍କୁଲ କର୍ତ୍ତୃପକ୍ଷ ହିଁ ଦାୟୀ ରହିବେ ବୋଲି କଣ୍ଟାବାଞ୍ଜି ଅଗ୍ନିଶମ ବିଭାଗ ଅଧିକାରୀ ଶକ୍ତି ପ୍ରସାଦ ନାୟକ କହିଛନ୍ତି।

# ରଥଯାତ୍ରା ପ୍ରସ୍ତୁତି ବୈଠକରେ ଉତ୍ତେଜନା

ଟିଟିଲାଗଡ଼, ୧୯ ।୬(ସମିସ): ଟିଟିଲାଗଡ଼ ରଥଯାତ୍ରା ପାଇଁ ଆୟୋଜିତ ପ୍ରସ୍ତୁତି ବୈଠକରେ ଉତ୍ତେଜନାକୁ ନେଇ ସହରରେ ଚର୍ଚ୍ଚା ଲାଗିରହିଛି। ଗୁରୁବାର ଅପରାହ୍ନରେ ସ୍ଥାନୀୟ ପୌର କଲ୍ୟାଣ ମଣ୍ଡପ ପରିସରରେ ଟିଟିଲାଗଡ଼ ଉପଜିଲ୍ଲାପାଳ ତଥା ଶ୍ରୀ ଶ୍ରୀ ଦଧିବାମନ ମହାପ୍ରଭୁ ଓ ଶ୍ରୀ ଶ୍ରୀ ଧବଳେଶ୍ୱର ମହାଦେବ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ପଦ୍ମନାଭ ସାମନ୍ତରାୟଙ୍କ ନେତୃତ୍ୱରେ ରଥଯାତ୍ରା ପୂର୍ବ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା। ବୈଠକରେ ବିଧାୟକ ନବୀନ ଜୈନ, ପୌରାଧ୍ୟକ୍ଷା ମମତା ଦେବୀ ଜୈନ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଯଶୋବନ୍ତ ନାରାୟଣ ପ୍ରଧାନୀ, ଉପଖଣ୍ଡ ସୂଚନା ଅଧିକାରୀ ତୁଷାରକାନ୍ତ ମହଲା ଓ ଟ୍ରଷ୍ଟି ସଞ୍ଜୀବ ପାଢ଼ୀ ପ୍ରମୁଖ ଯୋଗଦେଇ ମଞ୍ଚାସିନ ଥିଲେ। ତେବେ ମାଉସୀ ମା ମନ୍ଦିର ସରକାରୀ ଜମି ପ୍ରସଙ୍ଗକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପୂର୍ବତନ ବିଧାୟକ ପ୍ରାର୍ଥୀ ସତ୍ୟ ନାରାୟଣ ବହିଦାର ଦେବୋତ୍ତର ସରକାରୀ ଜମି ପ୍ରସଙ୍ଗକୁ ନେଇ ପ୍ରଶ୍ନ ଉଠାଇଥିବା ବେଳେ କିଛି ସଦସ୍ୟ ଉତ୍ତେଜିତ ହୋଇ ବିଶୃଙ୍ଖଳା ସୃଷ୍ଟି କରିଥିଲେ। ଉପଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ସ୍ଥିତି ସ୍ୱାଭାବିକ ହୋଇଥଲା। ଚଳିତ ବର୍ଷ ରଥଯାତ୍ରାର ସମସ୍ତ ନୀତିକାନ୍ତି ସହ ଶାନ୍ତିଶୃଙ୍ଖଳାରେ ପାଳନ କରାଯିବା, ଶ୍ରୀ ଜଗନ୍ନାଥ ମନ୍ଦିର ଓ ମାଉସୀମା ମନ୍ଦିରରେ ଆବଶ୍ୟକ ଆନୁସଙ୍ଗିକ କାର୍ଯ୍ୟ କରାଯିବା ସହ ମନ୍ଦିର ପରିସରରେ ଥିବା ପୁରୁଣା ଦୋକାନ ଗୃହ ଉଚ୍ଛେଦ କରାଯିବା ନେଇ ଆଲୋଚନା




ହୋଇଥିଲା। ସେହିପରି ରଥଯାତ୍ରା ସମୟରେ ସହର ମଧ୍ୟରେ ବିଦ୍ୟୁତ୍ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ପରିମଳ ବ୍ୟବସ୍ଥା ଓ ଶାନ୍ତି ଶୃଙ୍ଖଳା ରକ୍ଷାକୁ ପ୍ରାଥମିକତା ଦେବା ନେଇ ଆଲୋଚନା ହୋଇଥିଲା। ଆୟୋଜିତ ବୈଠକରେ ବିଭିନ୍ନ ସାମାଜିକ ଅନୁଷ୍ଠାନର ପ୍ରତିନିଧି, ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ ଗଣ ମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ତେବେ ମହାପ୍ରଭୁଙ୍କ ଘୋଷ ଯାତ୍ରା ବୈଠକରେ ଚରମ ବିଶୃଙ୍ଖଳା ସହରର ବୁଦ୍ଧିଜୀବୀ ତଥା ଜଗନ୍ନାଥ ପ୍ରେମୀଙ୍କୁ ବ୍ୟଥିତ କରିଥିବା ଦେଖିବାକୁ ମିଳିଛି।

# ବିନା ସୂଚନା ଫଳକରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାମ

କଣ୍ଟାବାଞ୍ଜି, ୧୯ ।୬(ସମିସ)

ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ ହିଆଲ ପଞ୍ଚାୟତରେ କ୍ଷୁଦ୍ର ଜଳ ସେଚନ ବିଭାଗ ପକ୍ଷରୁ କରାଯାଉଥିବା ଏକ ପ୍ରକଳ୍ପ ନିର୍ମାଣରେ ବ୍ୟାପକ ଅନିୟମିତତା ଓ ନିମ୍ନମାନର କାମ ହେଉଥିବା ନେଇ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ଜଣେ ସ୍ଥାନୀୟ ଠିକାଦାରଙ୍କ ଦ୍ୱାରା ଏହି କାର୍ଯ୍ୟ ସମ୍ପାଦନ କରାଯାଉଥିବା ବେଳେ ସରକାରୀ ନିୟମକୁ ସମ୍ପୂର୍ଣ୍ଣ ଜଳାଞ୍ଜଳି ଦିଆଯାଇଥିବା ଦେଖିବାକୁ ମିଳିଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ସରକାରଙ୍କ ନିୟମ ଅନୁଯାୟୀ ଯେକୌଣସି ସରକାରୀ ପ୍ରକଳ୍ପ ଆରମ୍ଭ ହେବା ପୂର୍ବରୁ ସେଠାରେ ଏକ ସୂଚନା ଫଳକ ଲଗାଯିବା ବାଧ୍ୟତାମୂଳକ; ମାତ୍ର ଏହି ପ୍ରକଳ୍ପ ସ୍ଥଳରେ କୌଣସି ପ୍ରକାରର ଫଳକ ଲଗାଯାଇ ନାହିଁ। ଏହାଫଳରେ ଏହି ନିର୍ମାଣ କାର୍ଯ୍ୟ ପାଇଁ କେତେ ସରକାରୀ



ଅର୍ଥ ବରାଦ ହୋଇଛି, କେଉଁ ଅନୁଦାନରୁ ଏହି ଟଙ୍କା ଖର୍ଚ୍ଚ ହେଉଛି ଏବଂ କେମିତି କାମ କରାଯାଉଛି ସେ ସମ୍ପର୍କରେ କୌଣସି ସୂଚନା ଜଣାପଡୁନାହିଁ। ଏହାକୁ ନେଇ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଥିବା ନେଇ ସ୍ଥାନୀୟ ଲୋକେ ସନ୍ଦେହ ପ୍ରକଟ କରିଛନ୍ତି। ପ୍ରକଳ୍ପ ସ୍ଥଳର ବାସ୍ତବ ସ୍ଥିତି ଅତ୍ୟନ୍ତ ଦୟନୀୟ ରହିଛି। ନିର୍ମାଣାଧୀନ ଜଳସେଚନ ଚେକ୍ ଡ୍ୟାମ୍ ସଂରଚନାର କଂକ୍ରିଟ୍ କାମ ଅତ୍ୟନ୍ତ ନିମ୍ନମାନର ଜଣାପଡୁଥିବା ବେଳେ ଚାରିପାଖରେ ଅସ୍ତବ୍ୟସ୍ତ ଭାବେ ଫାଟକ ଓ ସିମେଣ୍ଟ ବସ୍ତାଗୁଡ଼ିକ ପଡ଼ିରହିଛି। ମୂଳଦୁଆ ଏବଂ ପାର୍ଶ୍ୱ କାନ୍ଥଗୁଡ଼ିକର ଫିନିସିଂ ଠିକ୍ ଭାବେ ହୋଇ ନ ଥିବାରୁ ଏହା ଆଗାମୀ ବର୍ଷା ଦିନରେ ପ୍ରବଳ ପାଣିର ସ୍ରୋତକୁ ସମ୍ଭାଳି ପାରିବ କି ନାହିଁ ତାହାକୁ ନେଇ ଚାଷୀମାନେ ଚିନ୍ତା ପ୍ରକଟ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ଚାଷୀ ଓ ଜନସାଧାରଣ ଏହି ନିମ୍ନମାନର କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଯଦି ତୁରନ୍ତ ଏହି ପ୍ରକଳ୍ପର ସୂଚନା ଫଳକ ଲଗାଯାଇ ସ୍ୱଚ୍ଛତା ପ୍ରକାଶ ନକରାଯାଏ ଏବଂ କାମର ମାନରେ ସୁଧାର ନ ଆସେ ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ବାଧ୍ୟ ହୋଇ ବିରୋଧ କରିବେ। ଏନେଇ ହିଁଆଲ ସରପଞ୍ଚ ଲୋକନାଥ ଥପାଙ୍କ କହିବା ହେଲା ଯେଉଁ ସ୍ଥାନରେ ଏହି ଚ୍ୟାକ୍‌ଡ୍ୟାମ୍ ତିଆରି ହୋଇଛି ତାହା ଚାଷୀଙ୍କ ପାଇଁ ଉପଯୋଗୀ ହେବ ନାହିଁ କାହିଁକି ସେଠି ଚାଷ ଜମି ହିଁ ନାହିଁ। ଅନ୍ୟପକ୍ଷରେ କାହା ସ୍ୱାର୍ଥରେ ଏହି କାମ ଚାଲିଛି ତାହା ଭଗବାନଙ୍କୁ ଜଣା କାହିଁକି ଏହି ପ୍ରକଳ୍ପ ଏହି ସ୍ଥାନରେ କୌଣସି କାମର ନୁହେଁ ଏହା ସରକାରଙ୍କ ଲକ୍ଷାଧିକ ଟଙ୍କା ମାଟିରେ ମିଶି ଗଲା ବୋଲି ସ୍ଥାନୀୟ ସଚେତନତା ନାଗରିକମାନେ ମତ ପ୍ରକାଶ କରିଛନ୍ତି। ତେବେ ନିମ୍ନମାନର କାମ କରିଥିବା ଠିକାଦାରଙ୍କ ଲାଇସେନ୍ସ ବାତିଲ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

